## ସଂକ୍ଷେପରେ

### ମତଦାନ ଶେଷ, ଇଭିଏମ୍‌ରେ ପ୍ରାର୍ଥୀଙ୍କ ଭାଗ୍ୟ

ଜି.ଉଦୟଗିରି,୧୨।୧-ଏଲ.ବୁଲିୟାନ୍‌ଙ୍କ ବିୟୋଗ ପରେ ୬ନଂ ୱାର୍ଡରେ ଉପନିର୍ବାଚନ ଅନୁଷ୍ଠିତ ହୋଇଛି। ଶେଷ ପର୍ଯ୍ୟାୟରେ ତିନି ପ୍ରମୁଖ ଦଳ କଂଗ୍ରେସରୁ କୁଞ୍ଜନ କୁମାର ନାୟକ, ଭାଜପାରୁ ସୁଜାତା ନାୟକ, ବିଜେଡିରୁ ସିଦ୍ଧେଶ୍ୱରୀ ନାୟକ ନିଜ ନିଜ ନେତାଙ୍କୁ ଧରି ପ୍ରଚାର ଜୋରଦାର କରିଥିଲେ। ଶାସକ ଦଳର ବିଧାୟକ ସାଲୁଗା ପ୍ରଧାନ, ବିହନ ନିଗମ ଅଧକ୍ଷ ତଥା ଜିଲା ପର୍ଯ୍ୟବେକ୍ଷକ ବିଜୟ କୁମର ନାୟକ, ଅଧକ୍ଷ ଭାନୁପ୍ରଭା ମିଶ୍ର ପ୍ରଚାର ମଙ୍ଗ ଧରିଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଖେଲ ନାୟକ ପ୍ରାର୍ଥୀ ହୋଇଥିବା ବେଳେ ପୂର୍ବତନ ଅଧକ୍ଷ ପି ସଞ୍ଜୀବ କୁମାର ପାତ୍ର ନିଜେ ପ୍ରଚାର ମଙ୍ଗ ଧରିଥିବା ଦେଖିବାକୁ ମିଳିଛି। ଶାସକ ବିଜେଡ଼ି ଓ ସ୍ୱାଧୀନ ମଧ୍ୟରେ କଡ଼ା ଟକ୍କର ହୋଇଥିବା ରାଜନୈତିକ ସମୀକ୍ଷକ ଆକଳନ କରୁଛନ୍ତି। ଶୁକ୍ରବାର ଫଳାଫଳ ଘୋଷଣା ହେବ।

### ହାତୀ ଆକ୍ରମଣରେ ଜଣେ ଗୁରୁତର

ତୁମୁଡ଼ିବନ୍ଧ,୧୨।୧(ଡି.ଏନ.ଏ.)-ତୁମୁଡିବନ୍ଧ ବ୍ଲକ ଭଣ୍ଡାରଙ୍ଗୀ ପଞ୍ଚାୟତର ମସ୍କାଗୁଡ଼ା ଗ୍ରାମ ନିକଟ ଖରଗୁଭା ଜଙ୍ଗଲରେ ଗୁରୁବାର ଜଣେ ଯୁବକ ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ହେଲେ କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ କେଗାଁ ପଞ୍ଚାୟତ କାନ୍ଦୁଲଝର ଗ୍ରାମର ଟଙ୍କଧର ଜୁଆର(୪୫)। ସୀମାନ୍ତ ଅଞ୍ଚଳ ଯଥା କନ୍ଧମାଳର ତରଲାଙ୍ଗୀ ଓ କଳାହାଣ୍ଡି ଜିଲା ବୁଡିପଦର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ଚାଉଳଧୁଆ ନଦୀଠାରେ ପୋଲ ନିର୍ମାଣ କାର୍ଯ୍ୟ ଚାଲୁରହିଛି। ଉକ୍ତ କାର୍ଯ୍ୟରେ ଶ୍ରମିକ ଭାବେ କାମ କରିବାକୁ ଆସିଥିଲେ ଟଙ୍କଧର। ବୁଧବାର ସନ୍ଧ୍ୟାରେ ନିକଟସ୍ଥ ମସ୍କାଗୁଡ଼ାକୁ କୌଣସି କାମରେ ଯାଇଥିଲେ। ବିଳମ୍ବିତ ରାତିରେ ଫେରୁଥିବା ବେଳେ ଖରଗୁଭା ଜଙ୍ଗଲ ନିକଟରେ ହାତୀ ହାବୁଡ଼ରେ ପଡିବାରୁ ଦୌଡ଼ି ପଳାଇବା ପାଇଁ ଚେଷ୍ଟା କରିଥିଲେ। ତେବେ ତାଙ୍କ ପିଛା କରି ଆକ୍ରମଣ କରି ପଳାଇଥିଲା। ଟଙ୍କଧର ସେହିଠାରେ ପଡ଼ି ରହିଥିଲେ। ଗୁରୁବାର ଅପରାହ୍ନରେ ମସ୍କାଗୁଡ଼ା ଓ ବାରାବଣ ଗ୍ରାମବାସୀ ଖବର ପାଇ ଘଟଣା ସ୍ଥଳକୁ ଯାଇ ଟଙ୍କଧରଙ୍କୁ ଉଦ୍ଧାର କରି ତୁମୁଡିବନ୍ଧ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏ ନେଇ ରେଞ୍ଜର ଅରୁଣ କୁମାର ସାହୁ କହିଛନ୍ତି ନର୍ଲା ବନାଞ୍ଚଳରୁ ୨୨ଟି ହାତୀ ଆସିଛନ୍ତି। ହେଲେ ହାତୀ ଆକ୍ରମଣ ସମ୍ପର୍କରେ ଖବର ପାଇନଥିବା କହିଛନ୍ତି।

### ବାଳିକା ହାଇସ୍କୁଲର ବାର୍ଷିକୋତ୍ସବ

ଶେରଗଡ଼୧୨।୧(ଡି.ଏନ.ଏ.)-ଶେରଗଡ଼ ଶ୍ରୀପଦ ମଞ୍ଜରୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଶିକ୍ଷକ ଅନୀଲ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଏବିଇଓ ସୈରନ୍ଧ୍ରୀ ଦଳେଇ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୋରାଚାନ୍ଦ ପାଢ଼ୀ, ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସାରଥୀ ଆଚାରୀ, ସିଆରସିସି ରଘୁନାଥ ସାହୁ ଯୋଗଦେଇ ଛାତ୍ରୀମାନେ ପ୍ରତିଯୋଗିତା ମନୋଭାବ ରଖି ବିଦ୍ୟାଳୟର ନାମ ରଖିବାକୁ କହିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ମାନପତ୍ର ସହ ପୁରସ୍କାର ଦିଆଯାଇଥିଲା।

# ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଡାକ ଲଫାପା ଉନ୍ମୋଚିତ

**ଛତ୍ରପୁର,୧୨।୧(ଡି.ଏନ୍.ଏ.)**

ଆଧୁନିକ ଓଡିଶାର ନିର୍ମାତା ତଥା ରାଜା ବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ୧୨୩ତମ ଜନ୍ମଜୟନ୍ତୀ ପାଳନ ଅବସରରେ ବ୍ରହ୍ମପୁର ଡାକ ବିଭାଗ ତରଫରୁ ଏକ ଡାକ ଲଫାପା ଉନ୍ମୋଚିତ ହୋଇଛି। ଗୁରୁବାର ଛତ୍ରପୁର ଡାକ ବିଭାଗ କାର୍ଯ୍ୟାଳୟ ପରିସରରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଏହାକୁ ଉନ୍ମୋଚନ କରିଛନ୍ତି। ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଉଦ୍ୟମ ସମ୍ପର୍କରେ ଆଲୋକପାତ କରି ଏମ୍‌ପି କହିଥିଲେ ଯେ, ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଓଡିଶାର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ଦିଗରେ ତାଙ୍କର ଯଥେଷ୍ଟ ଭୂମିକା ରହିଛି। ସେ ଖଲ୍ଲିକୋଟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ନିଜ ନାମରେ ନାମିତ ନ କରି ଖଲ୍ଲିକୋଟ ନାମରେ ନାମିତ କରିବାକୁ ପ୍ରବର୍ତ୍ତାଇଥିଲେ। ବ୍ରହ୍ମପୁର ଡାକ ବିଭାଗ ବରିଷ୍ଠ ସୁପରିଣ୍ଟେଣ୍ଡେଣ୍ଟ ତାରିଣୀ ଚରଣ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ, ଖଲ୍ଲିକୋଟ ମର୍ଦ୍ଦରାଜ ସାଂସ୍କୃତିକ ପରିଷଦ କାର୍ଯ୍ୟକାରୀ ସଭାପତି ଡ. ସଙ୍କେତ ରାମାରାଓ, ଡ. ପବିତ୍ର ସଙ୍କେତ, ଛତ୍ରପୁର ଉପଜିଲାପାଳ ପ୍ରସନ୍ନ କୁମାର ପାତ୍ର, ଜିଲା ଜଙ୍ଗଲ ବିଭାଗୀୟ ଅଧିକାରୀ ଅମ୍ଳାନ ନାୟକ, ଖଲ୍ଲିକୋଟ ଏନ୍ଏସି ଅଧକ୍ଷ ଇଂ. ନିରଞ୍ଜନ ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ଜିଲା ସଂସ୍କୃତି ଅଧିକାରୀ ଜିତେନ କୁମାର ପରିଡା, ପୂଜ୍ୟପୂଜା ସାହିତ୍ୟ ସଂସଦ ସମ୍ପାଦକ ତଥା ଡାକ ଲଫାପା ପ୍ରସ୍ତୁତି ନିମନ୍ତେ ପ୍ରୟାସ କରିଥିବା ମହେଶ୍ୱର ବରାଡ, ଡାକ ଲଫାପା ଡିଜାଇନ ପ୍ରସ୍ତୁତ କରିଥିବା ଡିଜାଇନର୍, କଳାକାର ଅଜିତ କୁମାର ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ରହ୍ମପୁର ଡିଭିଜନ ଏମ.ଇ. ଗୌରହରୀ ପଣ୍ଡା ସଭାକାର୍ଯ୍ୟ ପରିଚାଳନା କରି ଧନ୍ୟବାଦ ଉପସ୍ଥାପନ କରିଥିଲେ।



ଡାକ ଲଫାପା ଉନ୍ମୋଚନ କରାଯାଉଛି।

# ଦଶମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

## ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ଅଭିଯୋଗ କଲେ ପରିବାର

**ଦାରିଙ୍ଗବାଡ଼ି,୧୨।୧(ଡି.ଏନ୍.ଏ)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ବାମୁଣୀଗାଁ ଥାନା ଝିଞ୍ଜିରୀଗୁଡ଼ା ପଞ୍ଚାୟତ ଉଲିପଦର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବା ବୁଧବାର ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ମୃତଦେହ ଜବତ କରି ଗୁରୁବାର ବ୍ୟବଚ୍ଛେଦ କରିବା ପରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

ପୋଲିସ ସୂଚନା ଅନୁଯାୟୀ, ଛାତ୍ରୀ ଜଣକ ସୋମବାର ଅସୁସ୍ଥ ହୋଇପଡ଼ିଥିଲେ। ମଙ୍ଗଳବାର ବିଦ୍ୟାଳୟ କର୍ତ୍ତୃପକ୍ଷ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରି ଚିକିତ୍ସା କରାଇଥିଲେ। ପୁଣି ବୁଧବାର ସକାଳୁ ଛାତ୍ରୀଜଣକ ଅସୁସ୍ଥ ହେବାରୁ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ମଧ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ତେବେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଝିଅର ମୃତ୍ୟୁ ହୋଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଏଥିସହିତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଓ ପରିବାରକୁ କ୍ଷତିପୂରଣ ଦେବା ପାଇଁ ଦାବି କରିଛନ୍ତି। ଜିଲା ମଙ୍ଗଳ ଅଧିକାରୀ ସୀମାଞ୍ଚଳ ବେହେରା, ବାଲିଗୁଡା ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଜଗତଜୀବନ ବଗର୍ତ୍ତୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବୁରୁ ମାଝୀ ପତ୍ରା ପ୍ରମୁଖ ପହଞ୍ଚି ତଦନ୍ତ କରୁଛନ୍ତି। ସେହିପରି ମୃତ ଛାତ୍ରୀଙ୍କ ପରିବାର ସଦସ୍ୟଙ୍କୁ ଭେଟି ଜିଲା ରେଡକ୍ରସ ପାଣ୍ଠିରୁ ୨୦ହଜାର ଆର୍ଥିକ ସହାୟତା କରାଯାଇଥିବା ବେଳେ ପଞ୍ଚାୟତ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ସହାୟତା କରାଯାଇଥିବା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବୁରୁମାଝୀ ପତ୍ରା କହିଛନ୍ତି। ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ଦିଆଯିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି। ବାଲିଗୁଡା ଏସ୍‌ଡିପିଓ ରୋହିତ ବର୍ମାଙ୍କ ବାମୁଣୀଗାଁ ଥାନାରେ ଗୁରୁବାର ସନ୍ଧ୍ୟାରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ବାମୁଣୀଗାଁ ଥାନା ଏଏସ୍ଆଇ ଶଙ୍କର ୱାଡକା ଘଟଣାର ତଦନ୍ତ ଦାୟିତ୍ୱ ନେଇଛନ୍ତି।

# ଚିନିଶିଳ୍ପରେ ଆଖୁପେଡ଼ା ଆରମ୍ଭ


ଆଖୁନାଳି ନିକଟରେ ବିଧାୟିକା ଓ ଅନ୍ୟମାନେ।

**ଆସିକା,୧୨।୧(ଡି.ଏନ.ଏ.)**

ଆସିକା ସମବାୟ ଚିନିଶିଳ୍ପରେ ଚଳିତବର୍ଷର ଆଖୁପେଡ଼ା ଗୁରୁବାର ଆରମ୍ଭ ହୋଇଛି । ମୁଖ୍ୟ ଅତିଥି ରୂପେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଯୋଗଦେଇ ଆଖୁନାଳିରେ ଆଖୁ ପକାଇଥିଲେ । ଚିନିଶିଳ୍ପ ପରିଚାଳନା ପରିଷଦର ସଭାପତି ରବିନ୍ଦ୍ର ପଣ୍ଡା, ସମ୍ପାଦକ ଚନ୍ଦ୍ରଶେଖର ରେଡ୍ଡୀ, ଆଖୁପରିଚାଳକ ପ୍ରଶାନ୍ତ କୁମାର ପାଢୀ, ଗଞ୍ଜାମ ଜିଲା ଆଖୁଚାଷୀ ସଂଘର ସଭାପତି ସମୀର ପ୍ରଧାନ, ସମ୍ପାଦକ ତଥା ଡାଇରେକ୍ଟର ପୂର୍ଣ୍ଣଚନ୍ଦ୍ର ବରାଡ, ଏମପିସିଏସ ସଭାପତି କାର୍ତ୍ତିକେଶ୍ୱର ପରିଡା, ଯୁବନେତା ନଚିକେତା ସ୍ୱାଇଁ, ସରପଞ୍ଚ ବିଦ୍ୟାନ୍ତ କୁମାର ଚର୍ଚ୍ଚି ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ପରମ୍ପରା ମୁତାବକ ପୂଜାର୍ଚ୍ଚନା ପରେ ଆଖୁନଳିରେ ଆଖୁ ପକାଯାଇଥିଲେ ମଧ କାରଖାନାର ବିଧିବଦ୍ଧ ଆଖୁପେଡ଼ା ଶନିବାର ଠାରୁ ଆରମ୍ଭ ହେବ ବୋଲି ଜଣାପଡିଛି । ଚିନିଶିଳ୍ପ ଅନ୍ତର୍ଗତ ଗଞ୍ଜାମ ଜିଲାର ୧୬ଟି ବ୍ଲକରେ ୧୪୮୫ଜଣ ଚାଷୀ ୨୦୦୯ ଏକର ଜମିରେ ଆଖୁଚାଷ କରିଛନ୍ତି । ସେଥିରୁ ଉତ୍ପାଦିତ ୪୦ହଜାର ଟନ ଚଳିତ ଆଖୁପେଡ଼ା ଋତୁରେ ପେଡ଼ାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଦୈନିକ ହାରାହାରି ୧୫ଶହ ଟନ ହାରରେ ୩୫ରୁ ୪୦ ଦିନ ଆଖୁପେଡ଼ା ଯିବ ବୋଲି ଅନୁମାନ କରାଯାଇଛି । ଗତବର୍ଷ ଏହି କାରଖାନା ୩୬,୪୭୦ ଟନ ଆଖୁ ପେଡା ଯାଇଥିବାବେଳେ ଆସନ୍ତା ଆଖୁପେଡା ଋତୁରେ ୭୦ ହଜାର ଟନ ଆଖୁ ପେଡିବା ଲାଗି ଯୋଜନା ପ୍ରସ୍ତୁତ କରାଯାଇଛି।

## ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ

**ଭଞ୍ଜନଗର,୧୨।୧(ଡି.ଏନ.ଏ)**

ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୫ତମ ଜୟନ୍ତୀ ଉତ୍ସବ ଗୁରୁବାର ନିକଟସ୍ଥ ଚାକୁଣ୍ଡାପଲ୍ଲୀ ଗ୍ରାମରେ ପାଳିତ ହୋଇଯାଇଛି । ସକାଳେ ସ୍ଥାନୀୟ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ଛକରୁ ଭକ୍ତମାନେ ବିରାଟ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ଜିଲୁଣ୍ଡିସ୍ଥିତ ଆଶ୍ରମ ପର୍ଯ୍ୟନ୍ତ ଯାଇ ସେଠାରେ ଶୋଭାଯାତ୍ରା ଶେଷ କରିଥିଲେ। ଚାକୁଣ୍ଡାପଲ୍ଲୀରେ ଦିନତମାମ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହୋଇଥିଲା। ସଞ୍ଜିବ କୁମାର ନାୟକ, ବିଜୟଚନ୍ଦ୍ର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୀବନୀ ସମ୍ପର୍କରେ କହିଥିଲେ । ଭଗବାନ ବଡ଼େଇ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବା ବେଳେ ଶୁଭେନ୍ଦୁ ରାୟ, ଧ୍ରୁବ ମହାରଣା, ରାମଚନ୍ଦ୍ର ଗୌଡ଼ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ


ଉପଜିଲାପାଳ ଜ୍ୟୋତିଶଙ୍କର ରାୟ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଉଛନ୍ତି ।

**ଭଞ୍ଜନଗର,୧୨।୧(ଡି.ଏନ.ଏ)**

ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ ଲାଗି ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଗୁରୁବାର ସନ୍ଧ୍ୟାରେ ଏଥିପାଇଁ ଅନୁଷ୍ଠିତ ଏକ ପ୍ରସ୍ତୁତି ବୈଠକରେ ଉପ ଜିଲାପାଳ ଜ୍ୟୋତି ଶଙ୍କର ରାୟ ଅଧକ୍ଷତା କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ଗୌରୀ ଶଙ୍କର ଶତପଥୀ ଆଗାମୀ କାର୍ଯ୍ୟକ୍ରମ ପାଇଁ ନିଆଯିବାକୁ ଥିବା ପଦକ୍ଷେପ ସମ୍ପର୍କରେ କହିଥିଲେ। ଏମ୍‌ପି ପ୍ରତିନିଧି ପଞ୍ଚାନନ ପାଳ, ଶୁଳପାଣି ଶତପଥୀ, ମଧୁସୂଦନ ଟ୍ରଷ୍ଟ ବୋର୍ଡ଼ର ନିର୍ଦ୍ଦେଶକ ଟୁକୁନା ପଟ୍ଟନାୟକ, ବଣିକ ସଂଘ ସମ୍ପାଦକ ସୁଶାନ୍ତ ମହାପାତ୍ର, ବିଶ୍ୱ ହିନ୍ଦୁ ପରିଷଦ କର୍ମକର୍ତ୍ତା ମୁରଲି ପଣ୍ଡା, ଏନ୍‌ସିସି ଅଫିସର ଲେଫ୍ଟନାଣ୍ଟ ରଜନୀକାନ୍ତ ତ୍ରିପାଠୀ, ନାଭାଲ ଅଫିସର ଡ଼.ରବିନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

## ବାଲି ବୋଝେଇ ୨ ଟ୍ରାକ୍ଟର ଜବତ : ୩ ଗିରଫ

**ଆସିକା,୧୨।୧(ଡି.ଏନ.ଏ.)**

ଆସିକା ସହର ଉପକଣ୍ଠ ଋଷିକୂଲ୍ୟା ନଦୀରୁ ବେଆଇନ ଭାବେ ବାଲିଚାଲାଣ କରୁଥିବା ଦୁଇଟି ଟ୍ରାକ୍ଟରକୁ ପୋଲିସ ଜବତ କରିଛି । ଏହି ଘଟଣାରେ ୩ଜଣଙ୍କୁ ଗିରଫ କରାଯାଇଛି । ଆସିକା ଏନଏସିର ସୁନାମ୍ବ ସାହି ନିକଟରୁ ବେଆଇନ ବାଲି ଚାଲାଣ ବେଳେ ଆସିକା ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ ଗୋଟିଏ ଟ୍ରାକ୍ଟରକୁ ଜବତ କରି ପୋଲିସ ଜିମା ଦେଇଥିଲେ । ସେହିପରି ରାତ୍ର ପେଟ୍ରୋଲିଂରେ ଥିବା ପୋଲିସ ମଙ୍ଗଳପୁର ନିକଟରୁ ଅନ୍ୟ ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଥିଲା। ଏ ନେଇ ପୋଲିସ ପକ୍ଷରୁ ୧୮/୨୩ ଓ ୨୧/୨୩ରେ ପୃଥକ ଦୁଇଟି ମାମଲା ରୁଜୁ କରାଯାଇଛି । ଗିରଫ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି ।

# ମଣ୍ଡଳସ୍ତରୀୟ ଭାଜପା କର୍ମକର୍ତ୍ତା ବୈଠକ


ବୈଠକରେ ଉପସ୍ଥିତ ଭାଜପା କାର୍ଯ୍ୟକର୍ତ୍ତା ।

**ବୁଗୁଡା,୧୨।୧(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମାଣିତରା ମଣ୍ଡଳସ୍ତରୀୟ ଭାଜପା କାର୍ଯ୍ୟକର୍ତ୍ତା ବୈଠକ ବୁଧବାର ମଣ୍ଡଳ ସଭାପତି ସୁଶାନ୍ତ କୁମାର ଡ଼ାକୁଆଙ୍କ ସଭାପତିତ୍ୱରେ ସଙ୍କୁରୁ ଗ୍ରାମ ପଞ୍ଚାୟତସ୍ଥିତ ଚକାବରଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଘୁମୁସର ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଲ୍ଲିକ, ମଣ୍ଡଳ ପ୍ରଭାରୀ ବିନାୟକ ତ୍ରିପାଠୀ, ନୀଳମଣି ବିଷୋୟୀ, ରଞ୍ଜନ ପୋଲାଇ, ମହେଶ ମହାନ୍ତି, ଜୟନ୍ତୀ ପଢ଼ିଆରି, ହରିକୃଷ୍ଣ ସାହୁ, ଦୀପକ ପ୍ରଧାନ, ସରପଞ୍ଚ ଦିଲ୍ଲୀପ କୁମାର ପ୍ରଧାନ, ସୁଶାନ୍ତ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକରେ ଭାଜପା ସଂଗଠନକୁ ଦୃଢ କରିବା ସକାଶେ ଆଲୋଚନା କରିବା ସହ ରାଜ୍ୟରେ ଚାଲିଥିବା ବିଜେଡି ସରକାରଙ୍କ ବିଭିନ୍ନ ଦୁର୍ନୀତି ବିଷୟରେ ସମାଲୋଚନା କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୁଗାନ୍ତକାରୀ ଉନ୍ନୟନମୂଳକ ଯୋଜନାକୁ ପ୍ରତି ଗ୍ରାମରେ ଲୋକମାନଙ୍କ ମଧ୍ୟରେ ପହଞ୍ଚାଇ ସଚେତନତା ସୃଷ୍ଟି କରିବା ପାଇଁ କର୍ମକର୍ତ୍ତାମାନେ ଆହ୍ୱାନ ଦେଇଥିଲେ।

# କଇଁଛ ଗଣ ଅଣ୍ଡାଦାନ ପାଇଁ ବେଳାଭୂମି ସଫେଇ

**ଗଞ୍ଜାମ,୧୨।୧(ଡି.ଏନ୍.ଏ.)**

ସ୍ଥାନୀୟ ଗ୍ରାସୀମ କମ୍ପାନୀ ପକ୍ଷରୁ ଜାତୀୟ ଯୁବ ଦିବସ ଅବସରରେ ଋଷିକୁଲ୍ୟା ମୁହାଁଣ ବେଳାଭୂମି ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମୁଦ୍ରିକ କଇଁଛଙ୍କ ସୁରକ୍ଷିତ ଗଣ ଅଣ୍ଡାଦାନ ଓ ସ୍ୱଚ୍ଛ ସମୁଦ୍ରକୁ ନେଇ କମ୍ପାନୀ କର୍ତ୍ତୃପକ୍ଷ ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ପୋଡ଼ମପେଟା ଓଡ଼ିଆରପି କଲୋନୀ ନିକଟ ବେଳାଭୂମିଠାରୁ ଗୋଖରକୁଦା ଗ୍ରାମ ବେଳାଭୂମି ପର୍ଯ୍ୟନ୍ତ ବେଳାଭୂମିରେ ପଡିଥିବା ପ୍ଲାଷ୍ଟିକ ବୋତଲ, ଅଦରକାରୀ ପଲିଥିନ, ଅଳିଆ ଆବର୍ଜନାଗୁଡିକୁ ସଫେଇ କରାଯାଇଥିଲା। କମ୍ପାନୀ ୟୁନିଟ ହେଡ଼ ଅଶୋକ ଗୁପ୍ତା, ଫାଇନାନ୍ସ ହେଡ଼ ହରିଶରଣ ଶର୍ମା, ଏଚଆର ହେଡ଼ ନିରଜ ପଟନାୟକ, ସିଏସ୍ଆର ହେଡ଼ ରବୀନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଏହି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଯୁବ ଇଞ୍ଜିନିୟର ଷ୍ଟାଫ, ଏଚ୍ଆର ଷ୍ଟାଫ ପ୍ରମୁଖ ସାମିଲ ହୋଇଥିଲେ।


ବେଳାଭୂମି ସଫେଇ

# ମହିଳା ସ୍ୱାବଲମ୍ବୀ ସଚେତନତା


ସଚେତନତା କାର୍ଯ୍ୟକ୍ରମ ।

**ବେଗୁନିଆପଡ଼ା,୧୨।୧**

ସରକାର ମହିଳାମାନଙ୍କ ବିକାଶ ପାଇଁ ବିଭିନ୍ନ ଯୋଜନାମାନ କରୁଛନ୍ତି। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ପଞ୍ଚାୟତସ୍ତରରୁ ଆରମ୍ଭ କରି ସହରାଞ୍ଚଳର ମହିଳାଙ୍କ ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ହୋଇଛି। ମହିଳାଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଗୁରୁବାର ଗଞ୍ଜାମ ଜିଲା କୋଦଳା ଏନଏସି ପକ୍ଷରୁ ଏକ ନିଆରା ପ୍ରୟାସ କରାଯାଇଥିବା ଦେଖିବାକୁ ମିଳିଛି। ଅଧକ୍ଷ ସୂର୍ଯ୍ୟନାରାୟଣ ନାୟକ ଓ ଉପାଧକ୍ଷା ରଞ୍ଜିତା ସେଠୀ ଏନ୍ଏସି ଅନ୍ତର୍ଗତ ବି. ନୂଆପଲ୍ଲୀ ଗ୍ରାମକୁ ଯାଇ ମହିଳାମାନଙ୍କୁ ନେଇ ଏକ ସଚେତନତା ସଭା କରିଛନ୍ତି। କେନ୍ଦ୍ର ସରକାର ମହିଳା ସଶକ୍ତିକରଣ ଯୋଜନାରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଏସ୍ଏଚ୍‌ଜି ଗ୍ରୁପମାନଙ୍କୁ ଋଣ ପ୍ରଦାନ କରୁଛନ୍ତି ଏବଂ ଏହି ଯୋଜନାର ଲାଭ ଉଠାଇବାକୁ ମହିଳାମାନଙ୍କୁ ଆହ୍ୱାନ କରିଛନ୍ତି ଅଧକ୍ଷ ନାୟକ। ବିଭିନ୍ନ ପ୍ରକାରର ଉଦ୍ୟୋଗ କରି ମହିଳା ଗୋଷ୍ଠୀମାନେ କିଭଳି ନିଜେ ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ମହିଳାଙ୍କୁ ପରାମର୍ଶ ଦିଆଯାଇଛି। ଆଗାମୀ ୧୭ ତାରିଖରେ ବ୍ରହ୍ମପୁରରେ ଏନେଇ ଏକ ମେଳା ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ କୋଦଳା ଅଞ୍ଚଳର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ନିଆଯାଇ ସେଠାରେ ବିଭିନ୍ନ ଉଦ୍ୟୋଗ ବିଷୟରେ ଅବଗତ କରାଯିବ ଏବଂ ମହିଳାମାନେ ଯେଉଁ ଉଦ୍ୟୋଗ କରିବାକୁ ଚାହିଁବେ ସେ ନେଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ଅଧକ୍ଷ ସୂର୍ଯ୍ୟନାରାୟଣ ନାୟକ।

## ନାବାଳିକା ଅପହରଣ ମାମଲା, ଡ୍ରାଇଭର ଗିରଫ

**ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧୨।୧**

ଫିରିଙ୍ଗିଆ ଥାନା ଅଞ୍ଚଳରେ ଦୁଇ ନାବାଳିକାଙ୍କୁ ଅପହରଣ ଏବଂ ବଳାତ୍କାର ଘଟଣାରେ ପୋଲିସ ଅଟକ ରଖିଥିବା ଗାଡି ଡ୍ରାଇଭରଙ୍କୁ ଗିରଫ କରିବା ପରେ କୋର୍ଟ ଚାଲାଣ କରିଛି। ସେ ହେଲେ ଖଜୁରିପଡା ଥାନା ଦାଦପାଜୁ ଗ୍ରାମର ଜ୍ୟୋତିସ୍ ରଞ୍ଜନ ଦିଗାଲ। ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଧରିବାରେ ପୋଲିସ ବିଫଳ ହୋଇଛି । ଖଜୁରିପଡା ଥାନା ଅଞ୍ଚଳର ଦୁଇ ଯୁବକ ଫିରିଙ୍ଗିଆ ଥାନା ଅଞ୍ଚଳର ଦୁଇ ଯୁବତୀଙ୍କୁ ବଜାରରୁ ଅପହରଣ କରି ନେଇ ମୂଳଗୁଦାରୀକୁ ଯାଇଥିଲେ। ସେଠାରେ ସେମାନେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ପାଟି କଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଗତ ବୁଧବାର ରାତି ୮ଟାରେ ଏକ କାରରେ ୩ ଜଣ ବ୍ୟକ୍ତି ଦୁଇ ନାବାଳିକାଙ୍କୁ ବସେଇ ସେମାନଙ୍କ ଗାଁକୁ ଛାଡିବାକୁ ଆସିଥିଲେ । ହେଲେ କୌଣସି କାରଣ ବଶତଃ ଗାଡି ନ ଅଟକାଇ ଦ୍ରୁତ ଗତିରେ ଫୁଲବାଣୀ ରାସ୍ତାରେ ପଳାଉଥିଲେ । ନାବାଳିକାଙ୍କ ବାପା ଗ୍ରାମବାସୀଙ୍କ ସହାୟତାରେ କାରକୁ ଏକ ଜଙ୍ଗଲ ମଧ୍ୟରେ ଅଟକାଇ ଝିଅମାନଙ୍କୁ ଉଦ୍ଧାର କରିବା ସହ ଗାଡି ଡ୍ରାଇଭର ଏବଂ ଜଣେ ଯୁବକଙ୍କୁ ଧରି ଫିରିଙ୍ଗିଆ ଥାନାରେ ଜିମା ଦେଇଥିଲେ । ସେଠାରୁ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ ।

# ମହେନ୍ଦ୍ରତନୟା ମହୋତ୍ସବ ଆରମ୍ଭ

**ଗୋଷାଣି,୧୨।୧(ଡି.ଏନ.ଏ.)**

ଗଜପତି ଜିଲା ଗୋଷାଣି ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ପଡିଆରେ ମହେନ୍ଦ୍ରତନୟା ମହୋତ୍ସବ ଗୁରୁବାର ଆରମ୍ଭ ହୋଇଛି। ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ପି ଚନ୍ଦ୍ରଶେଖର ସାହୁ, ଜିଲା ପରିଷଦ ସଭାପତି ଜି.ତିରୁପତି ରାଓ, ମୁଖ୍ୟବକ୍ତା ଭାବେ ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା, ଅତିଥି ଭାବେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ବ୍ଲକ ଅଧକ୍ଷ ଏନ.ବୀରରାଜୁ, ଗୋଷାଣି ବିଡିଓ ନୀଳମାଧବ ମାଝୀ, ବ୍ଲକ ଉପାଧକ୍ଷା ଏସ. ଅନୁସୂୟାଦେବୀ, ଜିଲା ପରିଷଦ ସଭ୍ୟା ନୀଲାପୁ ପାରିଗା ପ୍ରମୁଖ ଯୋଗଦେଇଥିଲେ। ମନ୍ତ୍ରୀ ସାହୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କୁ ସ୍ମରଣ କରି ଓଡିଶା ମାଟି ପାଇଁ ତାଙ୍କର ଅବଦାନ ଅତୁଳନୀୟ ବୋଲି କହିଥିଲେ। ସେହି ମହାପୁରୁଷଙ୍କ ମାଟିକୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ସମ୍ମାନ ଦେଇ ପାରଳାଖେମୁଣ୍ଡି ଉପଖଣ୍ଡକୁ ଗଜପତି ଜିଲାର ମାନ୍ୟତା ଦେଇଥିଲେ । ଜିଲାରେ କଳା ସଂସ୍କୃତି ଭରପୁର ରହିଛି ବୋଲି ସେ କହିଥିଲେ । ମୁଖ୍ୟବକ୍ତା ଜିଲାପାଳ ପଣ୍ଡା ଗଜପତି ମାଟିର ଐତିହ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ଏମ୍‌ପି ସାହୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମହତ୍ୱ ଉଦ୍ଦେଶ୍ୟ ତଥା ଉଦ୍ୟମ ଆଜି ସମଗ୍ର ବିଶ୍ୱରେ ଓଡିଶାକୁ ପରିଚିତ କରାଇଛି ବୋଲି କହିଥିଲେ। ସଭା ପରେ ଅତିଥିମାନଙ୍କ ଦ୍ୱାରା ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ଏହି ଅବସରରେ ଖୋଲା ଯାଇଥିବା ୩୦ଟି ବିଭିନ୍ନ ଷ୍ଟଲକୁ ଅତିଥିମାନେ ପରିଦର୍ଶନ କରିଥିଲେ। ଶେଷରେ ବ୍ଲକର ବିଭିନ୍ନ ସାଂସ୍କୃତିକ ଦଳ ସମେତ କଳାହାଣ୍ଡି ଲୋକନୃତ୍ୟ, ଗୁଣପୁରର ପାରମ୍ପରିକ ନୃତ୍ୟ ସହ ଅନ୍ତରା ଚକ୍ରବର୍ତ୍ତୀ, ଜେ.ପଦ୍ମା ଓ ଅଙ୍କିତ ରାଜଙ୍କ ସୁମଧୁର ସଙ୍ଗୀତ ତାଳେ ତାଳେ ଦର୍ଶକ ଝୁମି ଉଠିଥିଲେ ।



ଅତିଥିମାନେ ବିଭିନ୍ନ ଷ୍ଟଲ ପରିଦର୍ଶନ କରୁଛନ୍ତି।

